# ODM PUBLIC SCHOOL

SESSION :2
CLASS : V
SUBJECT : ଓଡିଆ
CHAPTER NUMBER:02
CHAPTER NAME : ଉପଯୁକ୍ତ ବେଶ ପକାଇ ଆସ
SUBTOPIC :ବହି ପ୍ରଶ୍ନଉତ୍ତର

CHANGING YOUR TOMORROW

# LEARNING OBJECTIVE

ସୃଜନଶୀଳ ଲିଖନ ଓ ଲବ୍ଧଜ୍ଞାନ ।

# ପ୍ରଶ୍ନ ୭-ତଳେ ଦିଆଯାଇଥିବା ଅନୁଚ୍ଛେଦରୁ ପ୍ରଶ୍ନଗୁଡିଏ ତିଆରି କରି ଲେଖିବା ।

ରାତିରେ ବୁଢାକୁ ସ୍କୁଲରେ ଅତିଥି ଭାବରେ ରଖାଗଲା । ଖାଇସାରି ପିଲାମାନଙ୍କ ସଙ୍ଗେ କଥାବାର୍ତ୍ତା ହେଉ ହେଉ ତାଙ୍କରି ପାଖରେ ବୁଢା ଶୋଇପଡିଲା ।ହେଲେ, ତାକୁ ନିଦ ହେଲା ନାହିଁ । ବୁଢା ଭାବୁଥାଏ ,ସ୍କୁଲର ବାବୁମାନେ ଯେଉଁ ଉପାୟରେ ଏତେ ସୁନ୍ଦର ଫସଲ କରିଛନ୍ତି,ତାକୁ ଟିକିଏ ସେ ଉପାୟ ବତାଇ ଦିଅନ୍ତେ କି ?ସେ ମଧ୍ୟ ତା'କ୍ଷେତକୁ ଉଠିଆ କରନ୍ତା । ନିଜ କ୍ଷେତରେ ସେ ଚଳନ୍ତା,ମୁଠାଏ ଖାଦ୍ୟ ପାଇବାକୁ ଜଙ୍ଗଲରେ ଅନ୍ଦିକନ୍ଦି ବୁଲିବାରୁ ରକ୍ଷା ପାଆନ୍ତା । ଏମିତି ଭାବୁ ଭାବୁ ବୁଢାକୁ ନିଦ ଲାଗିଗଲା ।

# ଉତ୍ତର

୭-(କ) ସ୍କୁଲରେ କାହାକୁ ଅତିଥି ଭାବରେ ରଖାଗଲା ?
(ଖ) କିଏ ପିଲାମାନଙ୍କ ପାଖରେ ଶୋଇପଡିଲା ?
(ଗ) ବୁଢା କ'ଣ ଭାବୁଥିଲା ?
(ଘ) କାହାକୁ ନିଦ ହେଲା ନାହିଁ ?
(ଙ) କିଏ ପିଲାମାନଙ୍କ ସାଙ୍ଗେ କଥାବାର୍ତ୍ତା ହେଉଥିଲା ?

ODM PUBLIC SCHOOL

# ପ୍ରଶ୍ନ ୮ -ତଳ ପ୍ରଶ୍ନଗୁଡିକର ଉତ୍ତର ଭାବି ଲେଖିବା ।

(କ)ଅର୍ଦ୍ଧରାତ୍ର ସମୟରେ ରାଜା କିପରି ଆଲୋକ ଦେଖିବାକୁ ପାଇଲେ ?

(ଖ)ମନ୍ତ୍ରୀଙ୍କ ଉତ୍ତରରୁ ରାଜା କ'ଣ ବୁଝିଲେ ?

(ଗ) ତୃତୀୟ ଝିଲାଟିର କଥା ଶୁଣି ରାଜା କାନ୍ଦ କାନ୍ଦ ହୋଇଗଲେ କାହିଁକି ?

(ଘ)କେଉଁ ସବୁ କାର୍ଯ୍ୟ ପାଇଁ ରାଜା ନିଜକୁ ଅଯୋଗ୍ୟ ବୋଲି ମନେ କଲେ ?

(ଙ) କେଉଁ ବେଶରେ ମଣିଷ ଅଧିକ ସୁନ୍ଦର ଲାଗେ ?

ODM PUBLIC SCHOOL

# ଉତ୍ତର

୮-(କ) ଅର୍ଦ୍ଧରାତ୍ର ସମୟରେ ରାଜା ଅଦ୍ଭୁତ ନୀଳାଭ ଆଲୋକ ଦେଖିବାକୁ ପାଇଲେ ।
(ଖ) ମନ୍ତ୍ରୀଙ୍କ ଉତ୍ତରରୁ ରାଜା ବୁଝିଲେ ଯେ,ଆଲୋକର ଯେଉଁ ବିଶେଷତ୍ୱ ସେ ଦେଖୁଛନ୍ତି,ମନ୍ତ୍ରୀ ତାହା ଦେଖିପାରୁ ନାହାନ୍ତି ।
(ଗ)ସନ୍ନ୍ୟାସୀଙ୍କ ମନର ଭାବନାକୁ ଠିକ ଭାବେ ବୁଝି ନ ପାରି ତୃତୀୟ ଚେଲାଟିର କଥା ଶୁଣି ରାଜା କାନ୍ଦ କାନ୍ଦ ହୋଇଗଲେ ।
(ଘ) କ୍ଷମତାଶାଳୀ,ପ୍ରଭାବଶାଳୀ,ରାଜ୍ୟଜୟ,ମୁଣ୍ଡକାଟ,ଭଳି କାର୍ଯ୍ୟ ପାଇଁ ରାଜା ନିଜକୁ ଅଯୋଗ୍ୟ ବୋଲି ମନେ କଲେ ।
(ଙ) ଶାନ୍ତ,ସରଳ,ଭଦ୍ର,ନମ୍ର,ଭଳି ଗୁଣ ହୃଦୟରେ ଥିଲେ,ମଣିଷ ଅଧିକ ସୁନ୍ଦର ଲାଗେ ।

ODM PUBLIC SCHOOL

# ଗୃହକର୍ମ

ଅନୁଛେଦରୁ ଆଉ ଦୁଇଟି ପ୍ରଶ୍ନ ତିଆରି କର ।

# LEARNING OUTCOME:

ସୃଜନଶୀଳ ଲିଖନ ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP